# Akashvani, Sambalpur

## SAMBALPURI NEWS BULLETIN

### 28 February 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ବିଭାଗ୍‌ର ଖର୍ଚ୍ଚା ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଭିନ୍ ଭିନ୍ ବିଭାଗ୍‌ର ଖର୍ଚ୍ଚା ସମୀକ୍ଷା କରିଛନ୍ । ୨୦୨୩-୨୪ ଆର୍ଥିକ୍ ବଛର୍‌ଥି ମୋଟ୍ ବଜେଟ୍‌ର ୮୧ ପ୍ରତିଶତ୍ ଖର୍ଚ୍ଚା ହେଇଥିଲା ବେଲ୍‌କେ ୨୦୨୪-୨୫ ଆର୍ଥିକ୍ ବଛରର୍ ଶେଷ୍ ବେଲ୍‌ତକ୍ ବଜେଟ୍‌ର କମ୍‌ସେକମ୍ ୮୫ ପ୍ରତିଶତ୍ ଖର୍ଚ୍ଚା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବିଭାଗ୍‌ମାନ୍‌କୁ ପରାମର୍ଶ ଦେଇଛନ୍ । ବିଭାଗ୍ ମାନ୍‌କର୍ ଖର୍ଚ୍ଚା ପ୍ରସ୍ତାବ୍‌କେ ମନ୍ତ୍ରୀମାନେ ତୁର୍‌ତି ଅନୁମୋଦନ୍ କରୁନ୍ ଆଉ ଜନକଲ୍ୟାଣ୍‌କାରୀ କାମ୍ ମାନ୍‌କୁ ଜଲ୍‌ଦି କରୁନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ ପରାମର୍ଶ ଦେଇଛନ୍ ।

ଜେ.ପି. ନଡ୍ଡା ହି.ସ.

ପୁରୀ ନ ୯ ନମ୍ବର୍ ଜାତୀୟ ସ୍ୱାସ୍ଥ୍ୟମିଶନ୍ ଶିଖର୍ ସମ୍ମିଳନୀ ଆଏଜ୍‌ଠାନୁ ମୁଲ୍ ହେଉଛେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍‌କେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଗଲାକାଏଲ୍ ଓଡ଼ିଶା ପୁହୁଁଚିଛନ୍ । ଇ ଅବ୍‌ସରେ ଶ୍ରୀ ନଡ୍ଡା ସ୍ୱାସ୍ଥ୍ୟ ମିଶନ୍‌ର ୧୬ ନମ୍ବର୍ ସାଧାରଣ୍ ସମୀକ୍ଷା ରିପୋର୍ଟକେ ଲୋକାର୍ପଣ୍ କର୍‌ବେ । ତାର୍ ଉତ୍‌ରୁ ଶ୍ରୀମନ୍ଦିର୍ ଯାଇକରି ମହାପ୍ରଭୁଙ୍କୁ ଦର୍ଶନ୍ କର୍‌ବେ ଆଉ ବେଲ୍‌ବୁଡ଼େ ଶ୍ରୀନଡ୍ଡା ଦିଲ୍ଲୀ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଉତମ୍ ମହାନ୍ତି- ପରଲୋକ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ସିନ୍‌ମା ଜଗତ୍‌ର କିମ୍ବଦନ୍ତୀ ଅଭିନେତା ଉତମ୍ ମହାନ୍ତିଙ୍କର୍ ନୂଆଦିଲ୍ଲୀର୍ ଗୁଟେ ଡାକ୍ତର୍‌ଖାନା ନ ଚିକିତ୍ସାଧୀନ୍ ଅବସ୍ଥାଥି ପରଲୋକ ହେଇଯାଇଛେ । ମୃତ୍ୟୁ ବେଲ୍‌କେ ତାଙ୍କୁ ୭୧ ବଛର୍ ବୟସ୍ ହେଉଥିଲା । ମୃତଦେହ ଓଡ଼ିଶାକେ ପୁହଁଚିଲା ଉତ୍‌ରୁ ଆଏଜ୍ ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ତାଙ୍କର୍ ଅନ୍ତିମ୍ ସଂସ୍କାର୍ କରାଯିବା ।

୧୯୫୪ ମସିହାଥି ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ବାରିପଦା ଠାନେ ଜନମ୍ ନେଇଥିବା ଉତମ୍ ମହାନ୍ତି ୧୯୭୭ ମସିହାଥି ଅଭିମାନ୍

ଫିଲ୍ମ ଜରିଏ ଓଡ଼ିଆ ସିନ୍‌ମା ଦୁନିଆଥି ପାଦ୍ ଥାପିଥିଲେ । ୨ ଶହ ନୁ ଅଏତ୍‌କା ଓଡ଼ିଆ ଫିଲ୍ମ, ୩୦ ଟା ବଙ୍ଗଲା ଆର୍ ଗୁଟେ ହିନ୍ଦୀ ସିନ୍‌ମା ସହେତେ ତିନ୍‌ହି ଭାଷାଥି ଏକାଧିକ୍ ଧାରାବାହିକ୍‌ଥି ଭିଲ୍ ତାଙ୍କୁ ଦେଖିବାର୍‌କେ ମିଲିଥିଲା । ଫୁଲଚନ୍ଦନ, ଝିଅଟି ସୀତାପରି, ଦଣ୍ଡାବାଲୁଙ୍ଗା, ସୁନାଚଢ଼େଇ ତୁଣ୍ଡବାଇଦ ବାଗିର୍ ଫିଲ୍ମଥି ତାଙ୍କର୍ ଅଭିନୟକେ ଆଏଜ୍ ଭିଲ୍ ଲୁକେ ଖୋବ୍ ପସନ୍ଦ୍ କର୍‌ସନ୍ ।

ଉତମ୍‌ମହାନ୍ତିଙ୍କର୍ ମୃତ୍ୟୁ ଖବର୍ ପାଏବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଗଭୀର ଶୋକପ୍ରକାଶ୍ କରିଛନ୍ ।

ସଞ୍ଜିବ୍ ଚୋପ୍ରା-ଆଲୋଚନା I&PR

କେନ୍ଦ୍ର ଖାଦ୍ୟ ଆଉ ସାଧାରଣ ବଂଟନ୍ ବିଭାଗ୍‌ର ସଚିବ ସଞ୍ଜିବ୍ ଚୋପ୍ରା ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ରାଜ୍ୟର୍ ସ୍ୱାର୍ଥ ସମ୍ବନ୍ଧିତ୍ ଭିନ୍ ଭିନ୍ ବିଷେଥି ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍ ନ ଶ୍ରୀ ଚୋପ୍ରା ରାଜ୍ୟର୍ ଧାନ୍ ଘିନା ପ୍ରକ୍ରିୟା ଆର୍ ସାଧାରଣ୍ ବଂଟନ୍

ବ୍ୟବସ୍ଥା ଉପ୍‌ରେ ଆଲୋଚନା କରିଛନ୍ । ତାର୍ ଉତ୍‌ରୁ ଶ୍ରୀ ଚୋପ୍ରା ଭୁବ୍‌ନେଶ୍ୱର୍ ଠାନେ ଧାନ୍ ଗୁଦାମ୍ ବୁଲି ଦେଖିଥିଲେ ।

ବନ ବିଭାଗ୍ ଆର୍‌ଏସିପି ଅଦାଲତ୍ I&PR

ଭୁବ୍‌ନେଶ୍ୱର୍ ଜଙ୍ଗଲ୍ ପରିବେଶ୍ ଆଉ ଜଳବାୟୁ ପରିବର୍ତ୍ତନ୍ ବିଭାଗ୍‌ର ଆର୍‌ଏସିପି ଅଦାଲତ୍‌ର ୨ ନମ୍ବର୍ ଦିନେ ଗଲାକାଏଲ୍ ୨ ଶହ ୫୬ ଟା ଆବେଦନ୍ ଗ୍ରହଣ୍ କରାଯାଇଥିଲା । ଇଥି ସମ୍ବଲ୍‌ପୁର୍, ରାଉର୍‌କେଲା, କୋରାପୁଟ୍ ଆର୍ କଟକ୍ ଆର୍ ନନ୍ଦନ୍‌କାନନ୍‌ର ମୁଖ୍ୟ ବନସଂରକ୍ଷକଙ୍କର୍ କାର୍ଯ୍ୟାଳୟର୍ ଅଧିକାରୀମାନେ ଯୋଗ୍ ଦେଇକରି ଆବେଦନ୍ ମାନ୍‌କର୍ ଶୁଣାଣି କରିଥିଲେ । ଆର୍‌ଏସିପି ଅଦାଲତ୍ ଅଧକ୍ଷ ଆର୍ ଅତିରିକ୍ତ ସଚିବ ଦେବେନ୍ କୁମାର୍ ପ୍ରଧାନ୍, ସ୍ୱତନ୍ତ୍ର ସଚିବ ଧରମ୍ ହାଁସ୍‌ଦା ଆର୍ କମିଟିର୍ ସଦସ୍ୟମାନେ ଅଦାଲତ୍‌ଥି ଉପସ୍ଥିତ୍ ରହିକରି ଆବେଦନ୍ ମାନ୍‌କର୍ ଯାଂଚ୍ କର୍‌ବାର୍ ସହେତେ ମାସେ ଭିତ୍‌ରେ ସବୁଥିର୍ ଫଏସଲା କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ ।

ଜାତୀୟ ବିଜ୍ଞାନ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ବିଜ୍ଞାନ୍ ଦିବସ୍ । ଭାରତୀୟ ପଦାର୍ଥ ବିଜ୍ଞାନୀ ସାର.  ସି.ଭି. ରମଣ ଆବିଷ୍କାର୍ କରିଥିବା ରମଣ୍ ରଶ୍ମି ବା ରମଣ ଇଫେକ୍ଟକେ ସୁରତା କରିକରି ଆଜିର୍ ଦିନ୍‌କେ ଜାତୀୟ ବିଜ୍ଞାନ୍ ଦିବସ୍ ଭାବେ ପାଳନ୍ କରାଯାଏସି । ସାର. ସି.ଭି. ରମଣ୍ ୧୯୨୮ ମସିହାଥି ରମଣ୍ ଇଫେକ୍ଟ ଆବିଷ୍କାର୍ କରିଥିଲେ । ତାଙ୍କର୍ ଇ ଆବିଷ୍କାର୍ ଲାଗି ୧୯୩୦ ମସିହାଥି ନୋବେଲ୍ ପୁରସ୍କାର୍ ଦିଆଯାଇଥିଲା । ଜାତୀୟ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ଆଉ ଯୋଗାଯୋଗ୍ ପରିଷଦ୍ ତରଫୁ ୧୯୮୬ ମସିହାନୁ ଇ ଦିନ୍‌କେ ପାଳନ୍ କରାଯାଉଛେ । ଇ ବଛରର୍ ବିଜ୍ଞାନ୍ ଦିବସ୍‌ର ବାର୍ତା ହେଉଛେ “ବିକଶିତ୍ ଭାରତ୍ ଲାଗି ବିଜ୍ଞାନ୍ ଆର୍ ସୃଜନ ଦିଗେ ବିଶ୍ୱ ନେତୃତ୍ୱ ନେବାର୍‌କେ ଭାରତୀୟ ଯୁଆନ୍‌ମାନ୍‌କୁ ସଶକ୍ତ କର୍‌ବାର୍’ ।

ଶିକ୍ଷା ଆଉ ଶିକ୍ଷଣ ପ୍ରତିଷ୍ଠାନ୍ ଛାତ୍ରୀନିବାସ ସୁବର୍ଣ୍ଣପୁର୍

ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା ସିଂହଦେଓ ଗଲାକାଏଲ୍ ସୋନ୍‌ପୁର୍ ଠାନେ ସୁବର୍ଣ୍ଣପୁର୍ ଶିକ୍ଷା ଆଉ ଶିକ୍ଷଣ ପ୍ରତିଷ୍ଠାନ୍‌ର ଛାତ୍ରୀନିବାସ୍ ଉଦ୍‌ଘାଟନ୍ କରିଛନ୍ । ୩୦ ଟା ଶଯ୍ୟା ଥିବା ଇ ଛାତ୍ରୀନିବାସ

ଜରିଏ ଅଂଚଲ୍‌ର ଛାତ୍ରୀ ଉପକୃତ ହେଇପାର୍‌ବେ ବଲି ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଶ୍ରୀମତୀ ସିଂହଦେଓ କହିଛନ୍ ।

ଭୀମଭୋଇ-ଶ୍ରାଦ୍ଧ କାର୍ଯ୍ୟକ୍ରମ୍     ସୁବର୍ଣ୍ଣପୁର୍ ସମ୍ବାଦଦାତା

ମହିମାଧର୍ମର୍ ପ୍ରଚାରକ୍ ସନ୍ଥକବି ଭୀମଭୋଇଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧ କାର୍ଯ୍ୟକ୍ରମ୍ ଓଡ଼ିଶା ସାହିତ୍ୟ ଏକାଡେମୀ  ଆର୍ ମହାନଦୀ ସାହିତ୍ୟ ସଂସଦ୍ ତର୍‌ଫୁ ସୋନ୍‌ପୁର୍ ଠାନେ ହେଇଯାଇଛେ । ଓଡ଼ିଆ ସାହିତ୍ୟ ଆର୍ ଭାଷାକେ ସମୃଦ୍ଧ କରିଥିବା ମାନବବାଦୀ କବି ଭୀମଭୋଇଙ୍କର୍ ସୃଜନ ସବୁଦିନ ସମାଜ୍‌କେ ତହଁକାବା ବଲି ଇ ଅବ୍‌ସରେ ଅତିଥି ମାନେ କହିଛନ୍ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ    ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ୫ ନମ୍ବର୍ ଦିନେ ପହେଲା ସେମିଫାଇନାଲ୍ ମେଚ୍ ସମଲେଶ୍ୱରୀ ସ୍ପୋର୍ଟିଙ୍ଗ୍, ସମ୍ବଲ୍‌ପୁର୍ ଆର୍ ଶ୍ରୀନିଧି ଡେକନ୍ସ, ହାଇଦ୍ରାବାଦ୍ ଭିତ୍‌ରେ ହେବା ।

ଗଲାକାଏଲ୍ ହେଇଥିବା ମେଚ୍‌ଥି ଜର୍ଜ ଟେଲିଗ୍ରାଫ୍, କୋଲ୍‌କାତା ଦଲ୍ ୪-୨ ଗୋଲ୍‌ଥି ସେଂଟ୍ ଜର୍ଜ ସ୍ପୋର୍ଟସ୍ କ୍ଲବ୍, କେରଲ୍‌କେ ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨୪ ଘଂଟା ଭିତ୍‌ରେ ତାପମାତ୍ରାଥି ବିଶେଷ୍ କିଛି ପରିବର୍ତନ୍ ନାଇଁନ । ଇତାର୍‌ଉତ୍‌ରୁ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।